# NATIONAL NEWS BULLETIN (ODIA)

## 22 October - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀ ଠାରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିଛନ୍ତି ।

– ଦେଶରେ ଭୂତଳ ଜଳସ୍ଥିତି ହ୍ରାସ ପାଉଥିବା ନେଇ ଚିନ୍ତାବ୍ୟକ୍ତ କଲେ ରାଷ୍ଟ୍ରପତି ।

- ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ରୁଷ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ରୁଷ ରାଷ୍ଟ୍ରପତି ପୁତିନ୍‌ଙ୍କ ଆଲୋଚନା ।

- ନ୍ୟାୟିକ ହସ୍ତକ୍ଷେପ ସମ୍ଭାବନାକୁ ହ୍ରାସ କରିବା ପାଇଁ ଆଇନ୍‌ର ଚିଠା ପ୍ରସ୍ତୁତ କରିବା କ୍ଷେତ୍ରରେ ବୈଧାନିକ ସ୍ୱଷ୍ଟତା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି ।

ଏବଂ

- ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ରୂପ ନେଇ ଓଡ଼ିଶା ଉପକୂଳ ମୁହାଁ ।

– ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସମଗ୍ର ପ୍ରଶାସନକୁ ହାଇଆର୍ଲଟ୍ କଲେ ରାଜ୍ୟ ସରକାର ।

## ପ୍ରେଜ୍ ନ୍ୟାସନାଲ ଓ୍ୱାଟର ଆଓ୍ୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀଠାରେ ପଞ୍ଚମ ଜାତୀୟ ଜଳ ପୁରସ୍କାର ୨୦୨୩ ପ୍ରଦାନ କରିଛନ୍ତି । ୯ଟି ବିଭାଗରେ ୩୮ଜଣ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏଥିରେ ଶ୍ରେଷ୍ଠ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଜଳ ଉପଭୋକ୍ତା ସଂଘ ଏବଂ ନାଗରିକ ସମାଜ ଅନ୍ତର୍ଭୁକ୍ତ ।

ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଜଳଜୀବନ ମିଶନ ଅଧୀନରେ ସରକାର ଦେଶର ୭୮ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳ ପରିବାରକୁ ପାଇପ୍ ଯୋଗେ ଜଳସଂଯୋଗ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ୨୦୧୯ରେ ଯେତେବେଳେ ଏହି ଅଭିଯାନ ଆରମ୍ଭ ହୋଇଥିଲା ସେତେବେଳେ ଗ୍ରାମାଞ୍ଚଳରେ ମାତ୍ର ୧୭ ପ୍ରତିଶତ ପରିବାରକୁ ବିଶୁଦ୍ଧ ଜଳ ମିଳିଥିଲା । ଜଳଜୀବନ ମିଶନ ଯୋଗୁଁ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଜୀବନରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଜଳସଂରକ୍ଷଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି

ଶ୍ରୀମତୀ ମୁର୍ମୁ କହିଛନ୍ତି । ତେବେ ଦେଶରେ ଭୂତଳ ଜଳସ୍ଥିତି ହ୍ରାସ ପାଉଥିବା ନେଇ ରାଷ୍ଟ୍ରପତି ଚିନ୍ତାବ୍ୟକ୍ତ କରିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି ଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶାକୁ ପ୍ରଥମ, ଉତ୍ତରପ୍ରଦେଶକୁ ଦ୍ୱିତୀୟ ଏବଂ ଗୁଜୁରାଟ ଓ ପୁଡୁଚେରୀକୁ ମିଳିତଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ପ୍ରଶଂସାପତ୍ର, ଟ୍ରଫି ଓ କେତେକ ନିର୍ଦ୍ଦିଷ୍ଟ ବର୍ଗରେ ନଗଦ ଅର୍ଥରାଶି ମଧ୍ୟ ପୁରସ୍କାର ଆକାରରେ ଦିଆଯାଇଛି ।

## ପିଏମ୍-ବ୍ରିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ରୁଷର କାଜାନଠାରେ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଭାରତର ଆଭିମୁଖ୍ୟକୁ ଦୋହରାଇ କହିଛନ୍ତି, ରୁଷ-ୟୁକ୍ରେନ୍ ବିବାଦ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ ହେବା ଉଚିତ୍ । ସେ କହିଛନ୍ତି, ମାନବୀୟ ପ୍ରୟାସକୁ ପ୍ରାଥମିକତା ଦେଇ ଶାନ୍ତି ଏବଂ ସ୍ଥିରତା ଶୀଘ୍ର ଫେରାଇ ଆଣିବାକୁ ନୂଆଦିଲ୍ଲୀ ସମ୍ପୂର୍ଣ୍ଣ ସମର୍ଥନ କରୁଛି । ଆଗାମୀ ସମୟରେ ଭାରତ ଏ ଦିଗରେ ସମ୍ଭାବ୍ୟ ସହଯୋଗ ପ୍ରଦାନ କରିବା ଲାଗି ପ୍ରସ୍ତୁତ ଅଛି ।

ଶ୍ରୀ ମୋଦୀ କହିଛନ୍ତି, ନିକଟରେ ତାଙ୍କର ରୁଷ ଗସ୍ତ ଦୁଇ ଦେଶର ଘନିଷ୍ଠ ସମନ୍ୱୟ ଏବଂ ଗଭୀର ବନ୍ଧୁତ୍ୱକୁ ପ୍ରତିଫଳନ କରୁଛି । ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜିତ ହେଉଥିବା କାଜାନ ସହର ସହିତ ଭାରତର ଗଭୀର ଏବଂ ଐତିହାସିକ ସମ୍ପର୍କ ରହିଛି । କାଜାନରେ ଭାରତର ନୂତନ ବାଣିଜ୍ୟ ଦୂତାବାସ ଖୋଲିବା ଦ୍ୱାରା ଏହି ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବ୍ରିକ୍ସ ସଂଗଠନ ଉପରେ ମତ ରଖି ଶ୍ରୀ ମୋଦୀ କହିଛନ୍ତି, ଗତ ୧୫ ବର୍ଷ ମଧ୍ୟରେ ବ୍ରିକ୍ସ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ଏବେ ବିଶ୍ୱର ଅନେକ ଦେଶ ଏହି ଗୋଷ୍ଠୀରେ ସାମିଲ ହେବାକୁ ଚାହୁଁଛନ୍ତି । କାଜାନରେ ଭାରତର ଦୂତାବାସ ଖୋଲିବା ନିଷ୍ପତ୍ତିକୁ ମଧ୍ୟ ରୁଷ ରାଷ୍ଟ୍ରପତି ପୁଟିନ୍ ସ୍ୱାଗତ ଗରିଛନ୍ତି ।

ସୂଚନା ଯୋଗ୍ୟ, ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ଅଛନ୍ତି । ଆସନ୍ତାକାଲିଠାରୁ କାଜାନରେ ଆରମ୍ଭ ହେଉଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ରୁଷକୁ ଦୁଇ ଦିନିଆ ଗସ୍ତରେ ଆସିଛନ୍ତି । ନ୍ୟାୟ ସଂଗତ ବୈଶ୍ୱିକ ବିକାଶ ଏବଂ ସୁରକ୍ଷା ପାଇଁ ବହୁପକ୍ଷିୟତାକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି । ଏହି ଶିଖର ସମ୍ମିଳନୀ ସଦସ୍ୟ ରାଷ୍ଟ୍ରର ନେତାମାନଙ୍କୁ ପ୍ରମୁଖ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ରୁଷରେ ଅବସ୍ଥାପିତ ଭାରତର

ରାଷ୍ଟ୍ରଦୂତ ବିନୟ କୁମାର କାଜାନ ଠାରେ ଥିବା ଆମ ସମ୍ବାଦଦାତାଙ୍କୁ କହିଛନ୍ତି ।

## ଗୁଜରାଟ-ଶାହା

ନ୍ୟାୟିକ ହସ୍ତକ୍ଷେପ ସମ୍ଭାବନାକୁ ହ୍ରାସ କରିବା ପାଇଁ ଆଇନ୍‌ର ଚିଠା ପ୍ରସ୍ତୁତ କରିବାରେ ବୈଧାନିକ ସ୍ପଷ୍ଟତା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି । ଗାନ୍ଧିନଗରରେ ଏକ ବିଧାନସଭା ଡ୍ରାଫ୍ଟିଂ କର୍ମଶାଳାରେ ଗୁଜରାଟ  ବିଧାୟକମାନଙ୍କୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ଡ୍ରାଫ୍ଟିଂରେ ଯେତେ ଅଧିକ ଧୂସର କ୍ଷେତ୍ର ଅଛି ନ୍ୟାୟିକ ବ୍ୟାଖ୍ୟା ପାଇଁ ସେତେ ଅଧିକ ସୁଯୋଗ ରହିଛି । ସ୍ୱଚ୍ଛ ଏବଂ ତ୍ରୁଟିବିହୀନ ଆଇନ୍ କେବଳ ଏହାର କାର୍ଯ୍ୟକାରିତାରେ ସହାୟକ ହୁଏ ନାହିଁ ବରଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ମଧ୍ୟ ସହାୟକ ହୋଇଥାଏ । ଭବିଷ୍ୟତରେ ଆଇନ୍‌ର ସ୍ପଷ୍ଟତା, ତର୍କ ଏବଂ ବ୍ୟବହାରିତାକୁ ବୃଦ୍ଧି କରିବା ପାଇଁ ବ୍ୟବସ୍ଥାପକ ଡ୍ରାଫ୍ଟିଂରେ ତାଲିମ୍ ନେବା ପାଇଁ ସେ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ବାଚସ୍ପତି ଶଙ୍କର ଚୌଧୁରୀ ଉପସ୍ଥିତ ଥିଲେ ।

# ଅମିତ ଶାହା

ଦେଶର ୮ କୋଟି ଦୁଗ୍ଧ ଚାଷୀଙ୍କୁ ସମବାୟ ଭିତ୍ତିଭୂମି ସହିତ ସଂଯୋଗ କରିବାକୁ ଲକ୍ଷ୍ୟ ରଖି ଭାରତ ଆଗାମୀ ଦିନରେ ଦ୍ୱିତୀୟ ଶ୍ୱେତ ବିପ୍ଳବ ପାଇଁ ପ୍ରସ୍ତୁତ ହେଉଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ଗୁଜରାଟର ଆନନ୍ଦ ଠାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡର ହୀରକ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ବର୍ତ୍ତମାନ କେବଳ ଦେଢ଼ କୋଟି ଦୁଗ୍ଧ ଚାଷୀ ସମବାୟ ସମିତି ସହିତ ଜଡ଼ିତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ  ଶୋଷଣର ଶିକାର ହେଉଛନ୍ତି । ସେ କହିଛନ୍ତି, ଭାରତର ଦୁଗ୍ଧ କ୍ଷେତ୍ର ବାର୍ଷିକ ୬ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ଦୁଗ୍ଧ ଶିଳ୍ପର ସଫଳତା ଏବଂ ଦୁଗ୍ଧ ଚାଷୀଙ୍କ ଆର୍ଥିକ ଉତ୍ଥାନରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ମଧ୍ୟ ଶ୍ରୀ ଶାହା ପ୍ରଶଂସା କରିଥିଲେ । ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ୨ଲକ୍ଷ ସମବାୟ ସମିତି ପ୍ରତିଷ୍ଠା କରିବାକୁ ବିଜେପି ସରକାର ଯୋଜନା କରିଥିବା ସେ କହିଥିଲେ । ଦୁଗ୍ଧ କ୍ଷେତ୍ରର ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଶ୍ରୀ ଶାହା ଜାତୀୟ ଗୋକୁଲ୍ ମିଶନ୍ ଭଳି ସରକାରଙ୍କ ଅନେକ ପଦକ୍ଷେପ ଉପରେ ଆଲୋପାତ କରିଥିଲେ । ଏହି ଅବସରରେ ଶ୍ରୀ ଶାହା ଦୁଗ୍ଧ ବୋର୍ଡ୍‌ର ଅନେକ କୃଷକ କୈନ୍ଦ୍ରିକ ପ୍ରକଳ୍ପକୁ ଉନ୍ମୋଚନ କରିବା ସହ ଏନ୍.ଡି.ଡି.ବି.ର ନୂତନ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କେନ୍ଦ୍ର ଦୁଗ୍ଧ ମନ୍ତ୍ରୀ

ରାଜୀବ ରଂଜନ ସିଂହ, ଗୁଜରାଟର ପଶୁପାଳନ ମନ୍ତ୍ରୀ ରାଘବଜୀ ପଟେଲ୍ ଏବଂ ଏନ୍.ଡି.ଡି.ବି.ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମୀନେଶ ଶାହା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜନାଥ-ସିଙ୍ଗାପୁର

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀ ଠାରେ ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରୀ ଡକ୍ଟର ଏନ୍.ଜି. ଏଙ୍ଗ୍ ହେନ୍‌ଙ୍କ ସହ 'ଷଷ୍ଠ ଭାରତ-ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରୀଙ୍କ ବାର୍ତ୍ତାଳାପ'ର ସହ-ଅଧ୍ୟକ୍ଷତା କରିଛନ୍ତି । ଏହି ଶିଖର ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ସିଂହ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଯେଉଁ ରଣନୈତିକ ଭାଗିଦାରୀ ରହିଛି ତାହା ଆମ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଘନିଷ୍ଠତାର ପ୍ରମାଣ । ଏହି ବୈଠକ ଏପରି ଏକ ସମୟରେ ହେଉଛି ଯେତେବେଳେ ଭାରତର ଆକ୍ଟ ଇଷ୍ଟ ନୀତିର ଦଶନ୍ଧି ପାଳନ କରୁଛି, ଯେଉଁଥିରେ ଆର୍ଥିକ ସହଯୋଗ, ସାଂସ୍କୃତିକ ସମ୍ପର୍କ ଏବଂ ଦେଶର ଅନୁଷ୍ଠାନ ଗୁଡ଼ିକ ସହିତ ରଣନୈତିକ ସଂଯୋଗ ବିକଶିତ କରିବାରେ ସିଙ୍ଗାପୁର ପ୍ରମୁଖ ଭୂମିକା ଗ୍ରହଣ କରିଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏହି ଶିଖର ସମ୍ମିଳନୀରେ ଉଭୟ ଦେଶ ଦ୍ୱିପାକ୍ଷିକ ପ୍ରତିରକ୍ଷା ଭାଗିଦାରୀ ଉପରେ ଆଲୋଚନା କରିଛନ୍ତି । ଭାରତ ପ୍ରତିରକ୍ଷା

ସହଯୋଗକୁ ଆହୁରି ବୃଦ୍ଧି କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ସହଭାଗି ସ୍ୱାର୍ଥର ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ ହୋଇଛି ।

ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରୀ ଡକ୍ଟର ହେନ୍ କହିଥିଲେ, ସିଙ୍ଗାପୁର ଦୃଷ୍ଟିକୋଣରୁ ଭାରତ ସର୍ବଦା ପୂର୍ବର ଅଂଶ ହୋଇ ରହିଛି । ଏହି ସମ୍ମିଳନୀ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ଭାଗିଦାରୀ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ।

# କରୋନା

ପୂର୍ବର ସାର୍ସ୍ ଏବଂ ମେର୍ସ୍ ଭୂତାଣୁ ତୁଳନାରେ କୋଭିଡ୍ ନାଇଣ୍ଟିନ୍ ଭୂତାଣୁ ଅଧିକ ସଂକ୍ରାମକ ହେବାର କାରଣ ଜାପାନ୍‌ର ଗବେଷକମାନେ ଆବିଷ୍କାର କରିଛନ୍ତି । କୋବେ ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, କୋଭିଡ୍ ନାଇଣ୍ଟିନ୍ ପାଇ ଦାୟୀ **SARS-Cov-2,** ଭୂତାଣୁ ଏକ ଏନ୍‌ଜାଇନ୍ ବହନ କରେ ଯାହା ଭୂତାଣୁ ବିରୋଧରେ ଏକ କୋଷର ଅନ୍ତର୍ନିହିତ ରୋଗ ପ୍ରତିରୋଧ ପ୍ରଣାଳୀ ବିରୋଧରେ କାର୍ଯ୍ୟ କରିପାରିବ । କୋଭିଡ୍ ଭୂତାଣୁରେ **ISG-15** ନାମକ ଆଣବିକ ଟ୍ୟାଗ୍ ନ୍ୟୁକ୍ଲିଓ କ୍ୟାପ୍‌ସିଡ୍ ପ୍ରୋଟିନ୍ ଗୁଡ଼ିକୁ ପରସ୍ପର ସହିତ ସଂଲଗ୍ନ ହେବାରୁ ରୋକିଥାଏ, ଯାହା ଭୂତାଣୁ ଗୁଡ଼ିକୁ ଏକତ୍ର କରିବାରେ ସକ୍ଷମ ହେବା ପାଇଁ ଏକ ପ୍ରମୁଖ ପ୍ରକ୍ରିୟା । କରୋନା ଭୂତାଣୁ ଜନ୍ମଗତ ରୋଗପ୍ରତିରୋଧ ପ୍ରଣାଳୀକୁ

କ୍ଷତିଗ୍ରସ୍ତ କରୁଥିବାରୁ ଏହା ଅତ୍ୟଧିକ ସଂକ୍ରାମକ ବୋଲି ଗବେଷଣାରୁ ଜଣାଯାଇଛି ।

## ଓଡ଼ିଶା–ବାତ୍ୟା

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇ ଓଡ଼ିଶାର ପାରାଦ୍ୱୀପ ଠାରୁ ପ୍ରାୟ ୭୦୦ କିଲୋମିଟର ଦକ୍ଷିଣ ପୂର୍ବ ଏବଂ ପଶ୍ଚିମବଙ୍ଗର ସାଗରଦ୍ୱୀପପୁଞ୍ଜର ୭୫୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଭାଗରେ ରହିଛି । ଏହା ଭୀଷଣ ଘୂର୍ଣ୍ଣିଝଡ଼ର ରୂପ ନେଇ ଆସନ୍ତା ଗୁରୁବାର ଓ ଶୁକ୍ରବାର ମଧ୍ୟରାତ୍ରିରେ ସ୍ଥଳଭାଗ ଛୁଇଁବା ପାଇଁ ଓଡ଼ିଶା ଉପକୂଳ ଆଡ଼କୁ ଅଗ୍ରସର ହେଉଥିବା ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଘୂର୍ଣ୍ଣିବଳୟର ଏକ ନୂତନ ଟ୍ରାକ୍ ଜାରି ରହିଛି, ଯାହା ବାଲେଶ୍ୱର ନିକଟବର୍ତ୍ତୀ ଓଡ଼ିଶା ଉପକୂଳ କିମ୍ବା କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଭିତରକନିକା ଉପକୂଳକୁ ଛୁଇଁବାର ସମ୍ଭାବନା ରହିଛି । ସ୍ଥଳଭାଗ ଛୁଇଁବା ସମୟରେ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିଲୋମିଟର ବେଗରେ ପବନ ବହିବା ସହ ଏହାପରେ ୧୨୦ କିଲୋମିଟର ବେଗରେ ଓଡ଼ିଶା ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

ଆମ ଓଡ଼ିଶା ସମ୍ବାଦଦାତାଙ୍କ ସୂଚନା ଅନୁସାରେ ଆସନ୍ତା ୨୪ ଓ ୨୫ ତାରିଖ ମଧ୍ୟରାତ୍ରିରେ ଓଡ଼ିଶା ଉପକୂଳରେ ଭୀଷଣ ସାମୁଦ୍ରିକ ଝଡ଼ 'ଦାନା' ସମ୍ଭାବ୍ୟ ସ୍ଥଳଭାଗ ଛୁଇଁବାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ସମଗ୍ର ପ୍ରଶାସନକୁ ହାଇଆର୍ଲଟ୍‌ରେ ରଖିଛନ୍ତି । ବାତ୍ୟା ପ୍ରଭାବିତ ସମ୍ଭାବ୍ୟ ଅଞ୍ଚଳରୁ ଶତପ୍ରତିଶତ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବାର ଯୋଜନା କରାଯାଇଛି । ଆସନ୍ତାକାଲି ଠାରୁ ୧୪ଟି ଉପକୂଳ ଏବଂ ପଡ଼ୋଶୀ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ୩ ଦିନ ପାଇଁ ଛୁଟି ଘୋଷଣା କରାଯିବା ସହ ସମସ୍ତ ନିର୍ଦ୍ଧାରିତ ପରୀକ୍ଷାକୁ ବାତିଲ କରାଯାଇଛି । ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ବିଦ୍ୟୁତ୍, ଖାଦ୍ୟ, ଔଷଧ ଏବଂ ଜଳ ଭଳି ଅତ୍ୟାବଶ୍ୟକୀୟ ସୁବିଧା ସହିତ ୮୦୦ରୁ ଅଧିକ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ କରି ରଖାଯାଇଛି ।

ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜଧାନୀ ଭୁବନେଶ୍ୱରରେ ସମସ୍ତ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ରାଜ୍ୟର ସମସ୍ତ ବନ୍ଦରରେ ଏକନମ୍ବର ବିପଦ ସଂକେତ ଜାରି କରାଯାଇଛି । ଆସନ୍ତାକାଲି ଠାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି । ତୀର୍ଥ ତଥା ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ସହର ଛାଡ଼ି ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି । ରାଜ୍ୟ ସରକାର ଏନ୍.ଡି.ଆର୍.ଏଫ୍., ଓଡ୍ରାଫ୍ ଏବଂ ଅଗ୍ନିସମ କର୍ମଚାରୀଙ୍କୁ ଉଦ୍ଧାର ଏବଂ

ରିଲିଫ୍ କାର୍ଯ୍ୟ ପାଇଁ ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଜିଲ୍ଲାରେ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।